**କଲେଜ କର୍ମଚାରୀଙ୍କ ପରଲୋକ**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ସଦର ବ୍ଲକ ଗୋବିନ୍ଦପୁର ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ମଥୁରାମ ବେହେରାଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ସେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ମୃତିରେ କଲେଜ ପରିସରରେ ଅଧକ୍ଷ ପ୍ରଭାତ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ କଲେଜର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଓଡ଼ିଶା ପରିବର୍ତ୍ତନ ଆଡ଼କୁ ମୁହାଁଇଛି- ଧର୍ମେନ୍ଦ୍ର

**ଅନୁଗୋଳରେ ଭାଜପାର ଲାଭାର୍ଥୀ ସମ୍ପର୍କ ଅଭିଯାନ**

ତାଳଚେର, ୨୬।୨ (ମନୋଜ ନନ୍ଦ)

ଓଡ଼ିଶା ବଡ଼ ପରିବର୍ତ୍ତନ ଆଡ଼କୁ ମୁହାଁଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସାଙ୍ଗରେ ଓଡ଼ିଶା ଅଛି। ଅନୁଗୋଳ ଜିଲା ତାଳଚେର ନିର୍ବାଚନମଣ୍ଡଳୀର ଧରମପୁର ପଞ୍ଚାୟତରେ ସୋମବାର ଭାଜପାର ଲାଭାର୍ଥୀ ସମ୍ପର୍କ ଅଭିଯାନରେ ଲାଭାର୍ଥୀଙ୍କ ସହ ଆଲୋଚନା କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲାଭାର୍ଥୀ ସମ୍ପର୍କ ଅଭିଯାନ ଅଧୀନରେ ତାଳଚେର ଧରମପୁର ପଞ୍ଚାୟତର ହିତାଧିକାରୀମାନଙ୍କୁ ଭେଟିଥିଲେ। ଦେଶବ୍ୟାପୀ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ କେନ୍ଦ୍ରମନ୍ତ୍ରୀ ଲାଭାର୍ଥୀମାନଙ୍କ ସହିତ ମୋଦିଙ୍କ ଯୋଜନାରେ ସେମାନେ କିଭଳି ଉପକୃତ ହେଉଛନ୍ତି ଏବଂ ସେହି ଯୋଜନା ସେମାନଙ୍କ ଜୀବନରେ କ'ଣ ପରିବର୍ତ୍ତନ ଆଣିଛି ତାହା ଉପରେ ଚର୍ଚ୍ଚା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ମୋଦି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ମାଧ୍ୟମରେ ସମସ୍ତ ଲାଭାର୍ଥୀଙ୍କୁ ଚାଉଳର ଗ୍ୟାରେଣ୍ଟି ଦେଇଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟର ଗ୍ୟାରେଣ୍ଟି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରାୟ ୩୪ ଲକ୍ଷ ଘର ଓଡ଼ିଶାକୁ ଯୋଗାଇ ଦେଇଛନ୍ତି। କେନ୍ଦ୍ରରେ କଂଗ୍ରେସ କ୍ଷମତାରେ ଥିବା ବେଳେ ଶେଷ ୧୦ ବର୍ଷରେ ଓଡ଼ିଶା ପାଇଁ ୩ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇଥିବା ବେଳେ ମୋଦି ସରକାର ଏବେ ସୁଦ୍ଧା ୧୮ ଲକ୍ଷ କୋଟି ଟଙ୍କାର ଦାୟିତ୍ୱ ନେଇସାରିଛନ୍ତି। କରୋନା ସମୟରେ ନିଃଶୁଳ୍କ ଟିକା ଉପଲବ୍ଧ କରାଇଛନ୍ତି। ଏସ୍‌ଏଚ୍‌ଜି ମହିଳାମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଦେଉଛନ୍ତି। ୩ କୋଟି ଲକ୍ଷପତି ଦିଦି ବନାଇବାର କଳ୍ପନା କରିଛନ୍ତି। ମୋଦିଙ୍କ ନେତୃତ୍ୱରେ ଦେଶର ସର୍ବାଙ୍ଗୀନ ବିକାଶ ହେଉଛି। ଗରିବ, ଯୁବକ, ମହିଳା ଓ ଚାଷୀମାନେ ମୋଦିଙ୍କୁ ଆଶୀର୍ବାଦ କରିବା ପାଇଁ ଏକାଠି ହୋଇଛନ୍ତି। ମୋଦି ଗ୍ୟାରେଣ୍ଟି, ଭରସାର ଗ୍ୟାରେଣ୍ଟି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ଘର ଘର ବୁଲି ମୋଦିଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ ବାଣ୍ଟିଥିଲେ। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଙ୍କୁ ଘରେ ଘରେ ପହଞ୍ଚାଇବା ପାଇଁ ପରାମର୍ଶ ଦେଇଥିଲେ।


ଧରମପୁର ପଞ୍ଚାୟତରେ ଜଣେ ଲାଭାର୍ଥୀଙ୍କୁ ଭେଟୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ୩ ପୋଖରୀର ନବୀକରଣ ପାଇଁ ଶିଳାନ୍ୟାସ



୪ନଂ ୱାର୍ଡ ଭାଗୀରଥି ସାଗର(ନୂଆ ପୋଖରୀ) ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଉଛି।

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ସୋମବାର ୩ଟି ପୋଖରୀର ନବୀକରଣ ପାଇଁ ଶିଳାନ୍ୟାସ କରାଯାଇଛି। ଏହି ୩ଟି ପୋଖରୀ ହେଲା ୪ନଂ ୱାର୍ଡର ଭାଗୀରଥି ସାଗର (ନୂଆ ପୋଖରୀ), ୧୭ନଂ ୱାର୍ଡର ଗୋପାଳ ସାଗର ଓ ୬ନଂ ୱାର୍ଡର ଗୋଡ଼ିପୋଖରୀ। ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ପ୍ରମୁଖ ଏହି ପୋଖରୀଗୁଡ଼ିକର ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ୪ନଂ ୱାର୍ଡର ଭାଗୀରଥି ସାଗରର ନବୀକରଣ ପାଇଁ ୧୮୭.୩୩ ଲକ୍ଷ, ୧୭ନଂ ୱାର୍ଡ ଗୋପାଳ ସାଗର ପୋଖରୀର ନବୀକରଣ ପାଇଁ ୨୭.୪୩ ଲକ୍ଷ ଓ ୬ନଂ ୱାର୍ଡ ଗୋଡ଼ିପୋଖରୀର ନବୀକରଣ ପାଇଁ ୫୫.୯୯ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୪ନଂ ୱାର୍ଡ କାଉନସିଲର ଲିପିକା ଦାସ, ୧୭ନଂ ୱାର୍ଡ କାଉନସିଲର ମଧୁସ୍ମିତା ସାହୁ ଓ ୬ନଂ ୱାର୍ଡ କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଗୁଡ଼ିକୁ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ପରିଚାଳନା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଏହି ପୋଖରୀଗୁଡ଼ିକର ଉନ୍ନତୀକରଣ ସହିତ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଉଛି।

# ସମାଜସେବା ପାଇଁ ସଂକଳ୍ପ

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ-କପିଳାସ ରାସ୍ତାର ବିରାଡିଆସ୍ଥିତ ସାଗରମଲ୍ଲ ଫାର୍ମ ହାଉସଠାରେ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୮୩ ବ୍ୟାଚର ସହପାଠୀମାନେ ରବିବାର ଏକତ୍ରିତ ହୋଇ ସମାଜସେବା ପାଇଁ ସଂକଳ୍ପ ନେଇଛନ୍ତି। ଡା. ବିଧୁଭୂଷଣ ନନ୍ଦଙ୍କ କନ୍ୟା ନିବେଦିତା ନନ୍ଦ ଓ ସହପାଠୀ ସ୍ୱର୍ଣ୍ଣରେଖା ମହାପାତ୍ର ପଣ୍ଡାଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହପାଠୀମାନେ ପରସ୍ପର ଅନୁଭୂତି ନିଜ ନିଜ ମଧ୍ୟରେ ପ୍ରଦାନ କରିଥିଲେ। ସମାଜସେବାରେ ସମୟର ଉପଯୋଗ କରି ଜୀବନକୁ ଆନନ୍ଦମୟ କରିବାକୁ ସଭାରେ ସ୍ଥିର କରାଯାଇଥିଲା। ସହପାଠୀ ମିନତି, ବନିତା, ରାଣୀ, ରୂପା, ମାନୁ, ପ୍ରଣତି ମିଶ୍ର, ପ୍ରଣତି ଦାସ, ମୀନା, ବୁଇ, ଶ୍ରାବଣୀ, ମଧୁସ୍ମିତା, ଅନୁପମା, ସଂଯୁକ୍ତା, ସସ୍ମିତା, ଅଞ୍ଜଳି, ଶର୍ମିଷ୍ଠା, ମିଲା ଓ ଭାରତୀ ପ୍ରମୁଖ ଆୟୋଜନରେ ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସହପାଠୀମାନେ।

# ପୂଜକ ମହାସଂଘର ରାଜ୍ୟସ୍ତରୀୟ ବୈଠକ


ରାଜ୍ୟସ୍ତରୀୟ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଓଡ଼ାପଡ଼ା,୨୬।୨(ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ନାଧରା ଗ୍ରାମସ୍ଥିତ ରାମଚଣ୍ଡୀ ମନ୍ଦିର ଠାରେ ଶିବ ଶକ୍ତି ମନ୍ଦିର ପୂଜକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ରାଜ୍ୟ ସଭାପତି କାମାକ୍ଷାପ୍ରସାଦ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ ବୈଠକରେ ବରିଷ୍ଠ ସଦସ୍ୟ ମହରଗା ମହାପାତ୍ର ସଭାପତିତ୍ୱ କରିଥିଲେ। ଢେଙ୍କାନାଳ, ଅନୁଗୋଳ, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଦେବଗଡ଼ ଜିଲାରୁ ଶତାଧିକ ଶୈବ ପ୍ରେମୀ ଯୋଗଦେଇ ସଂଘର ଉନ୍ନତି ପାଇଁ ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ। ଏଥିସହିତ ଜାତିର ଉନ୍ନତି ପାଇଁ ନିଃସର୍ତ୍ତ କାର୍ଯ୍ୟ କରିବାକୁ ସ୍ୱୀକୃତି ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ସଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଘୋଷକ ଅମିୟ ଚାନ୍ଦ ପ୍ରଶଂସିତ

ଢେଙ୍କାନାଳ,୨୬।୨(ରତନ ନାୟାର)

ମହାରାଷ୍ଟ୍ରର ପୁଣେଠାରେ ୪୪ତମ ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତା ୫ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ୪ ହଜାରରୁ ଊର୍ଦ୍ଧ୍ୱ ପୁରୁଷ, ମହିଳା ଆଥଲେଟସ, ବିଭିନ୍ନ ବର୍ଷ ବର୍ଗର ଜାତୀୟ ଓ ଅନ୍ତର୍ଜାତୀୟ ପୂର୍ବତନ ଅଲିମ୍ପିଆନ ଆଥଲେଟସ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଓଡ଼ିଶାର ବରିଷ୍ଠ କ୍ରୀଡ଼ା ଘୋଷକ ଅମିୟ କୁମାର ଚାନ୍ଦ ସଫଳ ଭାବେ ଘୋଷକ ପରିଚାଳନା ଦାୟିତ୍ୱ ତୁଲାଇ ମୁଖ୍ୟ ଅତିଥି ତଥା ବିଶ୍ୱ ମାଷ୍ଟର୍ସ ଆସୋସିଏଶନ ସଭାପତି ଷ୍ଟାନ୍ ପାର୍କିନସ୍ (ଅଷ୍ଟ୍ରେଲିଆ)ଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ପ୍ରକାଶଥାଉକି, ଏଥିପୂର୍ବରୁ ଚାନ୍ଦ ଦୀର୍ଘ ୩୦ ବର୍ଷ ଧରି ଜିଲା, ରାଜ୍ୟ ତଥା ଦେଶ ବିଦେଶରେ ବିଭିନ୍ନ କ୍ରୀଡ଼ାରେ ଘୋଷକ ଭାବେ କାର୍ଯ୍ୟକରି ବହୁବାର ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଉଚ୍ଚକୋଟିର ଘୋଷକ ଭାବେ ସମ୍ମାନିତ ହୋଇ ରାଜ୍ୟ ତଥା ଦେଶ ପାଇଁ ସୁନାମ ଆଣିଛନ୍ତି।


ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତାରେ ଘୋଷକ ଅମିୟ ଚାନ୍ଦ।

# ଆଇନକୁ ମାନ, ସଚେତନ ପାଇଁ ପ୍ରତିଜ୍ଞାବଦ୍ଧ ହୁଅ

**ବାଲ୍ୟ ବିବାହ ଏବଂ ମହିଳା ଓ ଶିଶୁ ଚାଲାଣ ପ୍ରତିରୋଧ ଶୀର୍ଷକ କର୍ମଶାଳା**

ଢେଙ୍କାନାଳ,୨୬।୨(ରତନ ନାୟାର)

ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଆନୁକୂଲ୍ୟରେ ସୋମବାର ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍‌ଠାରେ ବାଲ୍ୟ ବିବାହ ଏବଂ ମହିଳା ଓ ଶିଶୁ ଚାଲାଣ ପ୍ରତିରୋଧ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ କହିଲେ, ପିଲାମାନଙ୍କ ପ୍ରତି ମା, ବାପାଙ୍କ ସବୁଠୁ ଅଧିକ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି। ବାଲ୍ୟ ବିବାହ ଦ୍ୱାରା ସ୍ୱାସ୍ଥ୍ୟହାନି ହେବା ସହିତ ପାରିବାରିକ ଓ ସାମାଜିକ କ୍ଷେତ୍ରରେ ନାନା ପ୍ରକାର ସମସ୍ୟା ସୃଷ୍ଟି ହୋଇଥାଏ। ଏହାକୁ ନେଇ ସଚେତନତାର ଅଭାବ ଥିବା ପରିଲକ୍ଷିତ ହୋଇଛି। ଭଲ ପାଇବାର ଅର୍ଥ ଶାରୀରିକ ସମ୍ପର୍କ ନୁହେଁ। ଏଣୁ ସଚେତନ ହେବା ସହିତ ଅନ୍ୟକୁ ସଚେତନ କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇ ସରକାରଙ୍କ ଆଇନକୁ ମାନିବା ସହିତ ଏହାର କାର୍ଯ୍ୟକାରୀରେ ସହଯୋଗ କରିବା ପାଇଁ ବିଧାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା କଲ୍ୟାଣୀ ନାୟକ କହିଲେ, ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ଏହାର କୁପ୍ରଭାବକୁ ସମସ୍ତେ ଅନୁଭବ କରିବା ଜରୁରୀ। ଏହାର ମୂଳୋତ୍ପାଟନ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ। ଗୋଟିଏ ଝିଅ ବାଲ୍ୟ ବିବାହ କଲେ ସେ ତାର ସ୍ୱାଧୀନତା ହରାଇଥାଏ। ଏଥିସହିତ ତାର ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପଡ଼ିଥାଏ। ଏହାକୁ ରୋକିବା ଜରୁରୀ ହୋଇପଡ଼ିଛି। କୌଣସି ପ୍ରକାର ପ୍ରଲୋଭନରେ ନ ପଡ଼ି ମହିଳା ଓ ଶିଶୁ ଚାଲାଣ ପ୍ରତି ସତର୍କ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ। ରିସୋର୍ସ ପର୍ସନ ଭାବେ ଯୋଗଦେଇ ଅଧ୍ୟାପିକା ଡ. ପୁଷ୍ପଲତା ରଥ, ନାରୀ ସୁରକ୍ଷା ପାଇଁ ନାରୀମାନେ ହିଁ ପ୍ରଥମେ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ନୈତିକତା ଓ ଶିକ୍ଷାର ଅଭାବ ଯୋଗୁ ସମାଜରେ ବାଲ୍ୟ ବିବାହ ଓ ମାନବ ଚାଲଣ ଭଳି ସମସ୍ୟା ଉପୁଜୁଛି। ଏଥିନିମନ୍ତେ ଚିନ୍ତା ଚେତନାର ପରିବର୍ତ୍ତନ ଓ ସଂଯମତା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଲା ପୋଲିସ କର୍ଯ୍ୟାଳୟର ଡିଏସ୍‌ପି ଲଳିତା ମୋଦି, ଜିଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା ବାଲ୍ୟ ବିବାହ ଓ ମହିଳା ଶିଶୁ ଚାଲାଣର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ସଦସ୍ୟା ସାଗରିକା ମିଶ୍ର, ହିନ ବେହେରା, ସାରଳା ସ୍ୱାଇଁ, ରେଜ୍‌ୱାନା ବେଗମ, ଚନ୍ଦ୍ରଲେଖା ପଟ୍ଟନାୟକ, ବାସନ୍ତୀ ସିଂ, ଦେବସ୍ମିତା ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଡିପିଓ, ଅଙ୍ଗନୱାଡି କର୍ମୀ ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀ ଯୋଗ ଦେଇଥିଲେ। ଅନ୍ୟତମ ରିସୋର୍ସ ପର୍ସନ ସୁଶାନ୍ତ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରେୟା ଅନୁଷ୍ଠାନର ସମ୍ପାଦକ ଜ୍ୟୋତି ରଞ୍ଜନ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପ୍ରାରମ୍ଭରେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ଇଶୋ ଅନୁଷ୍ଠାନ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ପ୍ରମୁଖ ବାଲ୍ୟ ବିବାହ ଓ ଶିଶୁ ଚାଲାଣ ପ୍ରତିରୋଧ ସମ୍ପର୍କରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ।



# ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶରେ ମିଳିଲା କ୍ଷତିପୂରଣ

**ପୂର୍ଣ୍ଣ ବେହେରା ମୃତ୍ୟୁ ମାମଲା**

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ ସହର ପଦ୍ମବଜାର ଅଞ୍ଚଳରେ ଲକ୍ଷ୍ମୀପୂଜା ମେଢ଼ ସାଜସଜ୍ଜା କାର୍ଯ୍ୟ ଚାଲୁଥିବା ବେଳେ ନାରାୟଣ ବେହେରାଙ୍କ ପୁତ୍ର ପୂର୍ଣ୍ଣ ବେହେରା ୨୦୧୯ ଅକ୍ଟୋବର ୧୦ ତାରିଖରେ ଖସି ପଡିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଅକ୍ଟୋବର ୨୧ ତାରିଖରେ ପୂର୍ଣ୍ଣଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ କରାଯାଇଥିଲା। ଏନ୍‌ଏଚ୍‌ଆର୍‌ସିଙ୍କ ଆଦେଶ ଅନୁଯାୟୀ ମୃତ ପୂର୍ଣ୍ଣ ବେହେରାଙ୍କ ପିତା ନାରାୟଣ ବେହେରାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିବା ସୋମବାର ସନ୍ଧ୍ୟାରେ ତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଦେବାଶିଷ ହୋତା ଜଣାଇଛନ୍ତି। ଘଟଣା ପରେ ଏ ସଂକ୍ରାନ୍ତରେ ପିତା ନାରାୟଣ ବେହେରା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ମଧ ମାମଲା ରୁଜୁ ହେଉ ନ ଥିଲା ବୋଲି ତାଙ୍କ ଓକିଲ ଦେବାଶିଷ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ପରେ ମଧ ପିତା ନାରାୟଣ ନିରାଶ ହୋଇଥିଲେ। ଶେଷରେ ଏନ୍‌ଏଚ୍‌ଆର୍‌ସି ନୂଆଦିଲ୍ଲୀଙ୍କ ପାଖରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି ଏନ୍‌ଏଚ୍‌ଆର୍‌ସି ମୃତ ପୂର୍ଣ୍ଣ ବେହେରାଙ୍କ ପିତା ନାରାୟଣ ବେହେରାଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ଆଇନଜୀବୀ ହୋତା ପ୍ରକାଶ କରିଛନ୍ତି।


ପିତା ନାରାୟଣ ବେହେରାଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉଛି।

# ରାଷ୍ଟ୍ର ଗଠନରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ,୨୬।୨(ରତନ ନାୟାର)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖାର ବିଚାରଧାରା ବିଭାଗ ଦ୍ୱାରା 'ଆମ ଐତିହ୍ୟ ଆମ ସଂସ୍କୃତି' ଶୀର୍ଷକ ୪୦ ତମ ଇ-ପାଠଚକ୍ରମାଳା ଆଭାସି ମାଧ୍ୟମରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଶାଖା ସଭାପତି ଡ. ପ୍ରଫୁଲ୍ଲ କୁମାର ପାଣି ଏଥିରେ ସଭାପତିତ୍ୱ କରିଥିଲେ। ସୁଶ୍ରୀ ହରପ୍ରିୟା ପତି ବନ୍ଦନା ଗାନ ଓ ଶିକ୍ଷୟିତ୍ରୀ ଯାମିନୀ ହୋତା ବିବେକ ବାଣୀ ପାଠ କରିଥିଲେ। ରାଜ୍ୟ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ସଂସ୍କୃତି ବିଭାଗ ସମ୍ପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ସୁଚେତା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି ରାଷ୍ଟ୍ର ଗଠନରେ ଓ ସମାଜ ସୁସ୍ଥତାରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସଭାପତି ଡ. ପାଣି ନାରୀର ମହତ୍ତ୍ୱକୁ ପ୍ରତିପାଦନ କରିବାକୁ ଯାଇ ଅତୀତରେ ନାରୀର ଅପମାନରେ ସମସ୍ତେ ଅଚିରେ ଧ୍ୱଂସ ପାଇଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଆଜୀବନ ସଦସ୍ୟା ସୁଶ୍ରୀ କାଦମ୍ବରୀ ମହାଖୁଡ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କବି ବିନୟ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଜିଲାର ଆଜୀବନ ସଦସ୍ୟା ସଦସ୍ୟମାନଙ୍କ ମଧ୍ୟରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଆଗାମୀ ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ବ୍ଲକସ୍ତରରେ ପାଳନ କରିବାକୁ ସ୍ଥିରୀକୃତ ହୋଇଥିଲା। ଜିତେନ୍ଦ୍ର କୁମାର ପରିଡ଼ା, ସଦାନନ୍ଦ ରାଉତ, ପ୍ରଭାତ ନଳିନୀ ଦାସ, ଝୁନୁବାଳା ମିଶ୍ର, ଶଙ୍କର୍ଷଣ ଶତପଥୀ, ବୈକୁଣ୍ଠ ବିହାରୀ ସ୍ୱାଇଁ, ଦୀନବନ୍ଧୁ ପୋଇ, ଦେବରାଜ ବେହେରା ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪ ଡିଜେ ଗାଡ଼ି ଜବତ

ପରଜଙ୍ଗ, ୨୬।୨(ନିଗମାନନ୍ଦ ଦଳବେହେରା)

ଅତ୍ୟଧିକ ସାଉଣ୍ଡରେ ଡିଜେ ବଜାଇବା ଅଭିଯୋଗରେ ପରଜଙ୍ଗ ପୋଲିସ ୪ ଡିଜେ ଗାଡ଼ି ଜବତ କରିଛି। ସୂଚନା ଅନୁସାରେ, ପରଜଙ୍ଗ ଥାନା ଖଣ୍ଡୁଆଳ ମୁଣ୍ଡା ଗ୍ରାମରେ ରବିବାର ଯାତ୍ରା ପ୍ରୋସେସନ ପାଇଁ ଡିଜେ ସାଉଣ୍ଡର ବ୍ୟବସ୍ଥା ହୋଇଥିଲା। ମାତ୍ର ସରକାରୀ କଟକଣାକୁ ଉଲ୍ଲଙ୍ଘନ କରି ଅତ୍ୟଧିକ ସାଉଣ୍ଡ ଦେଇ ଡିଜେ ବଜାଇବା ଯୋଗୁ କିଛି ସ୍ଥାନୀୟ ବ୍ୟକ୍ତି ପୋଲିସ ଆଶ୍ରୟ ନେଇଥିଲେ। ପରଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ୪ ଡିଜେ ଗାଡି ଜବତ କରିଥିଲା।

# ପୌରସଂସ୍ଥାର ମନମୁଖି କାର୍ଯ୍ୟକୁ ବିରୋଧ

**■ଭାଗୀରଥି ସାଗର ସଂକୁଚିତ ହେବାକୁ ଦିଆଯିବ ନାହିଁ**

**■ଉଦ୍ଧାର ପଙ୍କକୁ ବାହାରେ ପକା ନ ଗଲେ ଆନ୍ଦୋଳନ**

ଢେଙ୍କାନାଳ,୨୬।୨(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ବହୁ ପ୍ରାଚୀନ ଓ ଐତିହ୍ୟ ସମ୍ପନ୍ନ ପୋଖରୀ ଭାଗୀରଥି ସାଗରର ନବୀକରଣ କାର୍ଯ୍ୟ ଆଳରେ ଏହାକୁ ସଙ୍କୁଚିତ କରିବା ସହିତ ଏଥିରୁ ବାହାରୁଥିବା ପଙ୍କକୁ ପୁଣି ପୋଖରୀ କଡ଼ରେ ପକାଇ ଅନୁଦାନ ବାବଦକୁ ମିଳୁଥିବା ଟଙ୍କାକୁ ହଡ଼ପ କରିବା ପାଇଁ ମସୁଧା କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର ନେହେରୁ ପାର୍କ ପରିସରରେ ସଚେତନ ନାଗରିକ ଫୋରମ ଆହ୍ୱାନରେ ଭାଗୀରଥି ସାଗର ସୁରକ୍ଷା ସମିତି ସମେତ ବିଭିନ୍ନ ୱାର୍ଡର ବିଶିଷ୍ଟ ବ୍ୟକ୍ତି ବିଶେଷ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ, ଯୁବଗୋଷ୍ଠୀ ଓ ମହିଳାମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା।


ଭାଗୀରଥି ସାଗର ସୁରକ୍ଷା ସମିତିର ଅନୁଷ୍ଠିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, କୌଣସି ପରିସ୍ଥିତିରେ ଭାଗୀରଥି ସାଗର ପୋଖରୀକୁ ସଙ୍କୁଚିତ ହେବାକୁ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ନବୀକରଣ କାର୍ଯ୍ୟରେ ପୋଖରୀରୁ ଉଦ୍ଧାର ହୋଇଥିବା ପଙ୍କକୁ ବାହାରେ ପକାଇବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ। ଏହା ନ ହେଲେ ପୌରସଂସ୍ଥାର ମନମୁଖି କାର୍ଯ୍ୟ ପ୍ରତିବାଦରେ ଆନ୍ଦୋଳନ ତିବ୍ରତର ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏ ସଂକ୍ରାନ୍ତରେ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଆଲୋଚନା କରାଯିବା ସହିତ ବୈଠକର ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯିବ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ସଚେତନ ନାଗରିକ ପରିଷଦ ସଭାପତି ସୁରେନ୍ଦ୍ର ମିଶ୍ର ସଭାପତିତ୍ୱ କରି କହିଲେ, ଭାଗୀରଥି ସାଗର ୧୫୯ ବର୍ଷର ଏକ ଐତିହ୍ୟ ସମ୍ପନ୍ନ ପୋଖରୀ। କୁଞ୍ଜକାନ୍ତ ପୋଖରୀ ମଧ ୧୯୧୭ ମସିହାର ପ୍ରାଚୀନ ପୋଖରୀ। ନବୀକରଣ ଆଳରେ ଏହା ସମେତ ଅନ୍ୟ ପୋଖରୀକୁ ସଙ୍କୁଚିତ କରିବା ପାଇଁ କାର୍ଯ୍ୟ କରାଯାଉଛି। ଏହାଦ୍ୱାରା ଏ ବାବଦକୁ ଆସିଥିବା ଅନୁଦାନକୁ ହରିଲୁଟ୍ କରିବାର ଏହା ଏକ ପ୍ରୟାସ। ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ ହେଉ। କିନ୍ତୁ ସଙ୍କୁଚିତ କରା ନ ଯାଉ। ଫୋରମ ସମ୍ପାଦକ ଭରତ କୁମାର ଦାସ ବୈଠକରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, ଭାବଗ୍ରାହୀ ପଣ୍ଡା, ସଞ୍ଜୟ କୁମାର ମିଶ୍ର, ଟଙ୍କଧର ବେହେରା, ଶୁଭେନ୍ଦୁ ମହାପାତ୍ର ଓ ଭରତ ହାତୀ, ୧୫ନଂ ୱାର୍ଡ କାଉନସିଲର ନିରୋଦ ସାହୁ, ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ଶିକ୍ଷାବିତ୍ ହୃଦାନନ୍ଦ ଦ୍ୱିବେଦୀଙ୍କ ସମେତ ଅମୀୟ ଚାନ୍ଦ, ରୁଦ୍ରାନ୍ତ ଦଳେଇ, ପଙ୍କଜ ନାୟକ, ପ୍ରଶାନ୍ତ ମିଶ୍ର, ଭାଗୀରଥି ସୁରକ୍ଷା ସମିତିର ଅଶୋକ କୁମାର ସ୍ୱାଇଁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନିଜସ୍ୱ ମତ ଉପସ୍ଥାପନ କରି ପୌରସଂସ୍ଥାରେ କେବଳ ପିସି ପାଇଁ ମନମୁଖି କାର୍ଯ୍ୟ ଚାଲିଛି। ସହରରେ ମଶାତେଲ ପଡୁନାହିଁ। ପରିଷ୍କାର ପରିଚ୍ଛନ୍ନ ହେଉନି। ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉ ବୋଲି ମତ ଉପସ୍ଥାପନ କରିଥିଲେ। ଭାଗୀରଥି ସାଗରର ଗୋଟିଏ ପାର୍ଶ୍ୱରେ ମୁକ୍ତା ଯୋଜନାରେ ଆମ ପୋଖରୀ ନବୀକରଣ ପାଇଁ ଶିଳାନ୍ୟାସ ହେଉଥିବା ବେଳେ ଅନ୍ୟପଟରେ ନେହେରୁ ପାର୍କଠାରେ ପୋଖରୀ ସଙ୍କୁଚିତ ନ କରିବା ଏବଂ ଉଦ୍ଧାର ପଙ୍କକୁ ବାହାରେ ପକାଇବା ଦାବିରେ ସଚେତନ ନାଗରିକ ଫୋରମ ଆହ୍ୱାନରେ ବୈଠକ ଅନୁଷ୍ଠିତ ହୋଇଥିଲା।

# 'ଓଡ଼ିଶାକୁ ଅଗ୍ରଣୀ କରିବା ମୋଦି ସରକାରଙ୍କ ପ୍ରାଥମିକତା'

**ତାଳଚେରରୁ ଅମୃତ ଭାରତ ଷ୍ଟେଶନର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଡ଼ିହେଲେ କେନ୍ଦ୍ରମନ୍ତ୍ରୀ**




ତାଳଚେର, ୨୬।୨ (ମନୋଜ ନନ୍ଦ)

ଅମୃତ ଭାରତ ଷ୍ଟେଶନଗୁଡ଼ିକ ଆତ୍ମନିର୍ଭର ଭାରତର ନୂଆ ପରିଚୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ସୋମବାର ଓଡ଼ିଶା ସମେତ ଦେଶର ୪୧ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ଦିଗରେ ଆଉ ଏକ ପଦକ୍ଷେପ। ଭିତ୍ତିଭୂମି ଦୃଷ୍ଟିରୁ ତାଳଚେର, ଅନୁଗୋଳ ସମେତ ଓଡ଼ିଶାକୁ ଅଗ୍ରଣୀ ଅଞ୍ଚଳ କରିବା ମୋଦି ସରକାରଙ୍କ ପ୍ରାଥମିକତାରେ ରହିଛି। ଅନୁଗୋଳ ଜିଲା ତାଳଚେର ଷ୍ଟେଶନରୁ ଭିଡିଓ କନଫରେନ୍ସି ମାଧ୍ୟମରେ ଅମୃତ ଭାରତ ଷ୍ଟେଶନ ଓ ଅନ୍ୟାନ୍ୟ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ରେଳ ଲାଇନ ଦେଶ ସମୃଦ୍ଧିର ପ୍ରତୀକ। ଏହାକୁ ଗତି ଦେବା ପାଇଁ ମୋଦି ସରକାରଙ୍କ ତରଫରୁ ଓଡ଼ିଶାକୁ ରେଲୱେ କ୍ଷେତ୍ରରେ ୨୩ଶହ କୋଟିରୁ ଅଧିକ ଟଙ୍କାର ଉପହାର ମିଳିଛି। ଦେଶରେ ପ୍ରାୟ ୫୫୪ଟି ରେଳଷ୍ଟେଶନର ପୁନଃବିକାଶ ହୋଇଥିବା ବେଳେ ଓଡ଼ିଶାରେ ୨୧ଟି ଅମୃତ ଭାରତ ରେଳ ଷ୍ଟେଶନର ଶିଳାନ୍ୟାସ ହୋଇଛି ଏବଂ ମୋଦି ସରକାର ଓଡ଼ିଶା ପାଇଁ ୯୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ସେହିପରି ଓଡ଼ିଶାରେ ୫୨ଟି ରୋଡ୍ ଓଭରବ୍ରିଜ ଏବଂ ରୋଡ୍ ଅଣ୍ଡରବ୍ରିଜର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ହୋଇଛି। ଏହି ୫୨ଟି ପ୍ରକଳ୍ପ ପାଇଁ ମୋଟ ୧୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଉଛି। ଅମୃତ ଭାରତ ରେଳ ଷ୍ଟେଶନ ଅଧୀନରେ ୧୨.୮ କୋଟି ଟଙ୍କା ବ୍ୟୟରେ ତାଳଚେର ଷ୍ଟେଶନକୁ ବିକଶିତ କରାଯାଉଛି। ୨୫ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟରେ ଅନୁଗୋଳ ଷ୍ଟେଶନର ଉନ୍ନତୀକରଣ ମଧ୍ୟ ହେଉଛି। ୨୬ କୋଟି ୧୧ ଲକ୍ଷ ଟଙ୍କା ବ୍ୟୟରେ ଢେଙ୍କାନାଳ ଷ୍ଟେଶନ ଓ ୨୨ କୋଟି ବ୍ୟୟରେ ମେରାମୁଣ୍ଡଳି ଷ୍ଟେଶନକୁ ବିକଶିତ କରାଯାଉଛି। ଏହି ପଦକ୍ଷେପ ଯାତ୍ରୀ ସୁବିଧାକୁ ଆହୁରି ସୁଗମ କରିବ। ଖୁବ୍‌ଶୀଘ୍ର ତାଳଚେର-ବିମଳାଗଡ ରେଳ ଲାଇନ ସମ୍ପୂର୍ଣ୍ଣ ହେବ। ଅନୁଗୋଳ-ସୁକିନ୍ଦା ରୋଡ୍ ମଧ୍ୟରେ ନୂଆ ଲାଇନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇସାରିଛି। ତାଳଚେର-ଅନୁଗୋଳ ଲୁପ୍ ଲାଇନ ପାଇଁ ଅର୍ଥ ମଞ୍ଜୁର ହୋଇଛି। ତେବେ ତାଳଚେର -ବିମଳାଗଡ଼ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣ ବାଧକ ସାଜିଛି। ରାଜ୍ୟ ଶାସନ ଦାୟିତ୍ୱରେ ଥିବା ଲୋକମାନେ ତାଳଚେର ଅଞ୍ଚଳର ଲୋକଙ୍କ ଆକାଂକ୍ଷାକୁ ସମ୍ମାନ ଦେବା ଉଚିତ। ମୋଦି ସରକାରଙ୍କ ପୂର୍ବରୁ ରେଲୱେ କ୍ଷେତ୍ରରେ ଦେଶରେ ବାର୍ଷିକ ହାରାହାରି ୩ ଲକ୍ଷ କୋଟି ଟଙ୍କାର କାମ ହେଉଥିଲା। ମାତ୍ର ଏବେ ମୋଦି ସରକାରରେ ବାର୍ଷିକ ହାରାହାରି ୧୧ ଲକ୍ଷ କୋଟି ଟଙ୍କାର କାମ ହେଉଛି। ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ଏହି ସମୟରେ ଆମର ଦାୟିତ୍ୱ ହେଉଛି, ତାଳଚେର ଓ ଅନୁଗୋଳକୁ ସବୁ ଦୃଷ୍ଟିରୁ ବଡ଼ କରିବା। ଅଭିମାନ ଓ ସ୍ୱାଭିମାନ ପାଇଁ ଆମ ପୂର୍ବପୁରୁଷମାନେ ଯେଉଁ ଲଢ଼େଇ କରିଥିଲେ, ସେହି ପରମ୍ପରାକୁ ବଜାୟ ରଖିବା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

## ଶିକ୍ଷାଗତ ଭିତ୍ତିଭୂମି ବୃଦ୍ଧି ଦିଗରେ ଆଉ ଏକ ପଦକ୍ଷେପ- ଧର୍ମେନ୍ଦ୍ର

**କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଭୂମି ପୂଜନ**



ଛେଣ୍ଡିପଦା,୨୬।୨ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଙ୍କରେଇସ୍ଥିତ ଏମ୍‌ସିଏଲ୍‌ର ସୁଭଦ୍ରା କୋଇଲା ଖଣି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରିଥିଲେ। ଏହାପରେ ଆୟୋଜିତ ସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଥିଲେ, ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଶିକ୍ଷାର ସୁଯୋଗକୁ ସମୃଦ୍ଧ କରି ଶିକ୍ଷାଗତ ଭିତ୍ତିଭୂମି ବୃଦ୍ଧି ପାଇଁ ଏମ୍‌ସିଏଲ୍ ଆଉ ଏକ ପଦକ୍ଷେପ ନେଇଛି। ନୂତନ ଭାବରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ପ୍ରାରମ୍ଭରେ ୭ଶ୍ରେଣୀ ପର୍ଯ୍ୟନ୍ତ ୨୮୦ ଜଣ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରିବ ଏବଂ ଭବିଷ୍ୟତରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିସ୍ତାର କରିବାର ବ୍ୟବସ୍ଥା ରହିଛି। ଭାରତ ସରକାରଙ୍କ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏମ୍‌ସିଏଲ୍ ଓଡ଼ିଶାରେ ଆଉ ୨ଟି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରୁଛି। ଏହି ସମାରୋହରେ କମାଣ୍ଡ କ୍ଷେତ୍ରରେ ଉଚ୍ଚମାନର ଶିକ୍ଷା ପ୍ରଦାନ, ପ୍ରତିଭାକୁ ଉତ୍ସାହିତ କରିବା ଏବଂ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ସହଯୋଗ କରିବ ବୋଲି ଅତିଥିମନେ ପ୍ରକାଶ କରିଥିଲେ। ଏହି ଅବସରରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଯୋଶୀ ଏବଂ କୋଲ ଇଣ୍ଡିଆ ସିଏମ୍‌ଡି ପି.ଏମ.ପ୍ରସାଦଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଏମ୍‌ସିଏଲ୍ ସିଏମ୍‌ଡି ଉଦୟ ଏ କୋଏଲ, କେନ୍ଦ୍ରୀୟ ବିଦ୍ୟାଳୟ ଯୁଗ୍ମ ସଚିବ ଚନ୍ଦନା ମଣ୍ଡଳ, ଏମ୍‌ସିଏଲ୍ ନିର୍ଦ୍ଦେଶକ (ପାର୍ଶନାଲ) କେଶବ ରାଓ, ଏମ୍‌ସିଏଲ୍ ଡିଓ ଜେ.କେ. ବୋରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା ଉପସ୍ଥିତ ଥିଲେ। ଜିଏମ୍(ଏମ୍‌ସିଏଲ୍) କୃପାସିନ୍ଧୁ ସିଂ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ପରିବେଶ, ଖାଦ୍ୟ ଶୃଙ୍ଖଳ ଜାଣିଲେ ଛାତ୍ରୀଛାତ୍ର



ଆଠମଲ୍ଲିକ,୨୬।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ଅନନ୍ତପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ସେଣ୍ଟର ଫର ଏନଭାରନମେଣ୍ଟାଲ ଷ୍ଟଡିଜ, ଫରେଷ୍ଟ ଏନଭାଇରନମେଣ୍ଟ ଆଣ୍ଡ କ୍ଲାଇମେଟ ଚେଞ୍ଜ ଡିପାର୍ଟମେଣ୍ଟ ଆନୁକୂଲ୍ୟରେ ଟିକରପଡା ବନ୍ୟଜୀବ ସଂରକ୍ଷିତ ଅଞ୍ଚଳ ପରିସରରେ ଏକ ନେଚର କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କ୍ୟାମ୍ପରେ ଉଦ୍ଭିଦ ବିଜ୍ଞାନ ଓ କୁମ୍ଭୀର ସର୍ବେକ୍ଷଣ ଅଧୀକ୍ଷକ ଡ. ଏ. ଖାନ ଛାତ୍ରୀଛାତ୍ରମାନଙ୍କୁ ପରିବେଶ ସଚେତନ ଓ ଖାଦ୍ୟ ଶୃଙ୍ଖଳ ନୀତି ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସଫଳ ରୂପାୟନ କରିଥିଲେ।

## ତାରିଣୀ ମନ୍ଦିରର ରତ୍ନମୁଦ ଉତ୍ସବ

କାମାକ୍ଷାନଗର,୨୬।୨(ସୁଧୀର ପରିଡ଼ା)

କଙ୍କଡାହାଡ଼ ବ୍ଲକ ଚାନ୍ଦପୁର ଗ୍ରାମରେ ମା' ତାରିଣୀଙ୍କ ମନ୍ଦିର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଲଣ୍ଡା ଦେହୁରୀ, ସୁକାନ୍ତି ଦେହୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ କୁଞ୍ଜବିହାରି କର ପୂଜାର୍ଚ୍ଚନା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ଭାଜପା ନେତା ବିଭୂତି ଭୂଷଣ ପ୍ରଧାନ, ଜିଲା ପରିଷଦ ସଦସ୍ୟ ନବକିଶୋର ସାହୁ, ଢେଙ୍କାନାଳ ଜିଲା ଯୁବବିଜେଡି ସାଧାରଣ ସମ୍ପାଦକ ରାଜେଶ ଦେହୁରୀ, ଚାନ୍ଦପୁର ସରପଞ୍ଚ ସବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର କମିଟି ସଭାପତି ରଞ୍ଜନ କର, ସୁଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଦ୍ମଲୋଚନ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ବଇଣ୍ଡାରେ ବଢୁଛି ଚୋରା ମଦ କାରବାର

ବଇଣ୍ଡା,୨୬।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ମାତ୍ରାଧିକ ଚୋରା ମଦ କାରବାର ହେଉଥିଲେ ମଧ୍ୟ ସ୍ଥାନୀୟ ପୋଲିସ କିମ୍ବା ଅବକାରୀ ବିଭାଗ ଠିକ୍ ଭାବେ ଚଢାଉ କରୁନାହିଁ। ଫଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ବଇଣ୍ଡା ଅଞ୍ଚଳର କେତୋଟି ଦୋକାନରେ ଏବେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର କରାଯାଉଛି। ବଇଣ୍ଡା ଅଞ୍ଚଳରେ ବିଦେଶୀ ମଦ ଦୋକାନ ଓ ଦେଶୀ ମଦ ଭାଟି ଥିବାବେଳେ ସେମାନଙ୍କ ବ୍ୟବସାୟ ବୃଦ୍ଧି କରିବା ପାଇଁ ଚୋରାରେ ଏହି ବ୍ୟବସାୟ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ଅବକାରୀ ଓ ପୋଲିସ ଆଖିରେ ଧୂଳି ଦେଇ ମଦ ଭାଟି କର୍ମଚାରୀମାନେ ବାଇକ୍ ଯୋଗେ ମଦ ଚାଲାଣ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସେମାନଙ୍କୁ ଧରିବାରେ ସକ୍ଷମ ହୋଇପାରୁନାହାନ୍ତି। ମଦ ବ୍ୟବସାୟୀ ବିଭାଗର କେତେଜଣ କର୍ମଚାରୀଙ୍କୁ ମାସିକିଆ ହାତ ଗୁଞ୍ଜା ଦେଇ ଏହି ବ୍ୟବସାୟ କରୁଥିବା ଆଲୋଚନା ହୋଇଛି। ଏହି ଚୋରା ମଦ କାରବାର ସମ୍ପର୍କରେ ଗ୍ରାମବାସୀ ବହୁବାର ଅବକାରୀ ବିଭାଗ ଓ ପୋଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସନ୍ଧ୍ୟାରେ ଗ୍ରାମାଞ୍ଚଳରେ ଏହି ବ୍ୟବସାୟ ହେଉଥିବା ଯୋଗୁ ଯୁବପିଢି ଏହି ମଦ ବ୍ୟବହାର କରି ଗଣ୍ଡଗୋଳ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ତୁରନ୍ତ ଅନୁଗୋଳ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ବଇଣ୍ଡା ଅବକାରୀ ଉପନିରୀକ୍ଷକ ରଞ୍ଜିତା ହରିଚନ୍ଦନଙ୍କୁ ପଚାରିବାରୁ ଚୋରା ମଦ ଉପରେ ଚଢାଉ ହେଉଛି କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।



